रजिस्ट्री सं डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII—ଖଣ୍ଡ I

प्राधिकार से प्रकाशित
PUBLISHED BY THE AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6

ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6

## MINISTRY OF LAW, JUSTICE AND COMPANY AFFAIRS

### (Legislative Department)

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବିଭାଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମ୍ୟୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋଗେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଜାତସଂଘ (ବିଶେଷାଧିକାର ଓ ଉନ୍ମୁକ୍ତି) ଅଧିନିୟମ, 1947

(1947ର ଅଧିନିୟମ ସଂ 46)

**ଜାତିସଂଘର ବିଶେଷାଧିକାର ଓ ଉନ୍ମୁକ୍ତି ବିଷୟକ ଚୁକ୍ତିକୁ କାର୍ଯ୍ୟାନ୍ୱିତ କରିବାକୁ ଏକ ଅଧିନିୟମ**

(20 ଡିସେମ୍ବର, 1947)

ଯେହେତୁ ଜାତିସଂଘର ବିଶେଷାଧିକାର ଓ ଉନ୍ମୁକ୍ତି ବିଷୟକ ଚୁକ୍ତିକୁ କାର୍ଯ୍ୟାନ୍ୱିତ କରିବା ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ସଙ୍ଗଠନକୁ ଏବଂ ସେମାନଙ୍କର ପ୍ରତିନିଧି ଓ କର୍ମଚାରୀମାନଙ୍କୁ ଅନୁରୂପ ବିଶେଷାଧିକାର ଓ ଉନ୍ମୁକ୍ତି ସୁରକ୍ଷା ଉପଭୋଗ କରିବାକୁ ସମର୍ଥ କରିବା ସମୀଚୀନ ଅଟେ;

ତେଣୁ ଏତଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା—

**ସଂକ୍ଷିପ୍ତ ନାମ**

1. ଏହି ଅଧିନିୟମ ଜାତିସଂଘ (ବିଶେଷାଧିକାର ଓ ଉନ୍ମୁକ୍ତି) ଅଧିନିୟମ, 1947 ନାମରେ ଅଭିହିତ ହେବ ।

**ଜାତିସଂଘକୁ ଏବଂ ତାହାର ପ୍ରତିନିଧି ଓ ଅଧିକାରୀମାନଙ୍କୁ କେତେକ ବିଶେଷାଧିକାର ଓ ଉନ୍ମୁକ୍ତି ପ୍ରଦାନ ।**

2. (1) ଅନ୍ୟ କୌଣସି ବିଧିରେ କୌଣସି ପ୍ରତିକୂଳ ବିଷୟ ଥିବା ସତ୍ତ୍ୱେ ଏହି ଅଧିନିୟମର ଅନୁସୂଚୀରେ ଉଲ୍ଲେଖ କରାଯାଇଥିବା 194 ରେ ଫେବ୍ରୁଆରି 13 ତାରିଖରେ ଜାତିସଂଘର ସାଧାରଣ ସଭା ଦ୍ୱାରା ଗୃହୀତ ହୋଇଥିବା ବିଶେଷାଧିକାର ଓ ସୁରକ୍ଷା ବିଷୟକ ଚୁକ୍ତିର ଉପବନ୍ଧଗୁଡ଼ିକର ଭାରତରେ ବିଧିବତ୍ ବଳ ରହିବ ।

(2) କେନ୍ଦ୍ର ସରକାର ଅନୁସୂଚୀରେ ଉଲ୍ଲିଖିତ ଉକ୍ତ ଚୁକ୍ତିର ଉପବନ୍ଧଗୁଡ଼ିକର ସମ୍ୟକ ଭାବରେ ପ୍ରଣୀତ ଓ ଗୃହୀତ ସଂଶୋଧନ ଅନୁସାରେ ସେହି ଅନୁସୂଚୀକୁ ବିଭିନ୍ନ ସମୟରେ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ସଂଶୋଧନ କରିପାରିବେ ।

**ଅନ୍ୟ ଆନ୍ତର୍ଜାତିକ ସଂଗଠନକୁ ଏବଂ ସେମାନଙ୍କ ଲୋକପ୍ରତିନିଧି ଓ ଅଧିକାରୀମାନଙ୍କୁ କେତେକ ବିଶେଷାଧିକାର ଓ ଉନ୍ମୁକ୍ତି ପ୍ରଦାନ କରିବାକୁ କ୍ଷମତା ।**

3. ଯେଉଁଠାରେ କୌଣସି ଆନ୍ତର୍ଜାତିକ କରାର, ଚୁକ୍ତି ବା ଅନ୍ୟ ଦଲିଲ ଅନୁସରଣରେ ଅନୁସୂଚୀରେ ଉଲ୍ଲିଖିତ ଉପବନ୍ଧଗୁଡ଼ିକରେ ଥିବା ଅନୁରୂପେ ବିଶେଷାଧିକାର ଓ ଉନ୍ମୁକ୍ତି ଭାରତରେ କୌଣସି ଆନ୍ତର୍ଜାତିକ ସଙ୍ଗଠନକୁ ଏବଂ ସେମାନଙ୍କର ପ୍ରତିନିଧି ଓ ଅଧିକାରୀମାନଙ୍କୁ ଦେବା ଆବଶ୍ୟକ ହୁଏ ସେଠାରେ କେନ୍ଦ୍ର ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଘୋଷଣା କରିପାରିବେ ଯେ ଉକ୍ତ କରାର, ଚୁକ୍ତି ବା ଅନ୍ୟ ଦଲିଲ କାର୍ଯ୍ୟାନ୍ୱିତ କରିବା ନିମିତ୍ତ ଯେତିକି ରୂପାନ୍ତରଣ ଆବଶ୍ୟକ ବା ସମୀଚୀନ ବୋଲି ସେ ମନେ କରିପାରନ୍ତି ସେହି ରୂପାନ୍ତରଣର ସାପେକ୍ଷ ହୋଇ ଅନୁସୂଚୀରେ ଉଲ୍ଲିଖିତ ଉପବନ୍ଧଗୁଡ଼ିକ ଅଧିସୂଚନାରେ ବିନିର୍ଦ୍ଦିଷ୍ଟ ଆନ୍ତର୍ଜାତିକ ସଙ୍ଗଠନ ଏବଂ ତାହାର ପ୍ରତିନିଧି ଓ ଅଧିକାରୀମାନଙ୍କ ପ୍ରତି ଯଥୋଚିତ ପରିବର୍ତ୍ତନ ସହ ପ୍ରଯୁଜ୍ୟ ହେବ ଏବଂ ତା'ପରେ ଉକ୍ତ ଉପବନ୍ଧଗୁଡ଼ିକ ତଦନୁଯାୟୀ ପ୍ରଯୁଜ୍ୟ ହେବ ଏବଂ କୌଣସି ଅନ୍ୟ ବିଧିରେ କିଛି ପ୍ରତିକୂଳ ବିଷୟ ଥିବା ସତ୍ତ୍ୱେ ସେପରି ପ୍ରୟୋଗରେ ଭାରତରେ ତାହାର ବିଧିବଦ୍ ବଳ ରହିବ ।

**ନିୟମାବଳୀ ପ୍ରଣୟନ କରିବାକୁ କ୍ଷମତା ।**

4. (1) କେନ୍ଦ୍ର ସରକାର ସରକାରୀ ଗେଜେଟର ଅଧିସୂଚନାଦ୍ୱାରା ଏହି ଅଧିନିୟମର ପ୍ରୟୋଜନଗୁଡ଼ିକ କାର୍ଯ୍ୟାନ୍ୱିତ କରିବାକୁ ନିୟମାବଳୀ ପ୍ରଣୟନ କରିପାରିବେ ।

(2) ଏହି ଅଧିନିୟମ ଅନୁଯାୟୀ କେନ୍ଦ୍ର ସରକାରଙ୍କଦ୍ୱାରା ପ୍ରଣୀତ ପ୍ରତ୍ୟେକ ନିୟମ ଏହା ପ୍ରଣୀତ ହେବା ପରେ ଯଥାସମ୍ଭବ ଶୀଘ୍ର ସଂସଦ ସତ୍ରରେ ଥିବାବେଳେ ତାହାର ପ୍ରତ୍ୟେକ ସଦନ ସମକ୍ଷରେ ଗୋଟିଏ ବା ଦୁଇଟି ବା ତତୋଧିକ କ୍ରମାଗତ ସତ୍ରରେ ମୋଟ ତିରିଶ ଦିନର କାଳାବଧି ପାଇଁ ଉପସ୍ଥାପିତ କରାଯିବ ଏବଂ ଯଦି ଉପରୋକ୍ତ ସତ୍ର ବା ଅବ୍ୟବହିତ ପରବର୍ତ୍ତୀ ସତ୍ରର ଅବସାନ ପୂର୍ବରୁ ନିୟମରେ କୌଣସି ରୂପଭେଦ କରାଯିବା ନେଇ ଉଭୟ ସଦନ ସହମତ ହୁଅନ୍ତି ବା ଉଭୟ ସଦନ ସହମତି ହୁଅନ୍ତି ଯେ ନିୟମଟି ପ୍ରଣୀତ ହେବା ଉଚିତ ନୁହେଁ ତାହାହେଲେ ତା'ପରେ ସେହି ନିୟମଟି ଯଥାସ୍ଥିତି ସେପରି ରୂପଭେଦିତ ଆକାରରେ ପ୍ରଭାବୀ ହେବ ଅଥବା ଆଦୌ ପ୍ରଭବୀ ହେବ ନାହିଁ, ମାତ୍ର ସେପରି ରୂପଭେଦ ବା ରଦ୍ଦକରଣ, ସେହି ନିୟମ ଅନୁସାରେ ପୂର୍ବରୁ କରାଯାଇଥିବା କୌଣସି ବିଷୟର ବିଧିମାନ୍ୟତା ପ୍ରତି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ।

# ଅନୁସୂଚୀ

ଧାରା 2 ଓ 3 ଦ୍ରଷ୍ଟବ୍ୟ

## ଅନୁଚ୍ଛେଦ I

## ବୈଧିକ ବ୍ୟକ୍ତିତ୍ୱ

ଧାରା 1. ଜାତିସଂଘର ବୈଧିକ ବ୍ୟକ୍ତିତ୍ୱ ରହିବ । ତାହାର –

(କ) ସମ୍ବିଦା କରିବାକୁ,

(ଖ) ସ୍ଥାବର ଓ ଅସ୍ଥାବର ସଂପତ୍ତି ଅର୍ଜନ ଓ ବ୍ୟୟନ କରିବାକୁ,

(ଗ) ବିଧିକ କାର୍ଯ୍ୟାନୁଷ୍ଠାନ ଦାଏର କରିବାକୁ, ସାମର୍ଥ୍ୟ ରହିବ ।

## ଅନୁଚ୍ଛେଦ II

## ସଂପତ୍ତି, ପାଣ୍ଠି ଓ ଆସ୍ତି

ଧାରା 2. ଜାତିସଂଘ ଓ ତାହାର ସଂପତ୍ତି ଓ ଆସ୍ତିମାନ ଯେଉଁ ସ୍ଥାନରେ ଥାଉ ବା ଯାହାଦ୍ୱାରା ଧାରିତ ହୋଇଥାଉ ପଛରେ ଯେଉଁ ବିଶେଷ କ୍ଷେତ୍ରରେ ଜାତିସଂଘ ନିଜର ଉନ୍ମୁକ୍ତିକୁ ଯେତେଦୂର ପର୍ଯ୍ୟନ୍ତ ଅଭିବ୍ୟକ୍ତ ରୂପେ ଛାଡ଼ିଥାଏ ତାହା ବ୍ୟତିରେକେ ପ୍ରତ୍ୟେକ ପ୍ରକାର ବିଧିକ ପ୍ରକ୍ରିୟାରୁ ଉନ୍ମୁକ୍ତି ଉପଭୋଗ କରି ପ୍ରକାଶ ଥାଉ କି, ଉନ୍ମୁକ୍ତିରୁ ଛାଡ଼ ଯେକୌଣସି ନିଷ୍ପାଦନ ପଦକ୍ଷେପ ପ୍ରତି ବିସ୍ତୃତ ହେବ ନାହିଁ ।

ଧାରା 3. ଜାତିସଂଘର ପରିସରମାନ ଅନତିକ୍ରମ୍ୟ ହେବ । ଜାତିସଂଘର ସଂପତ୍ତି ଓ ଆସ୍ତିମାନ ଯେଉଁ ସ୍ଥାନରେ ଥାଉ କି ଯାହାଦ୍ୱାରା ଧାରିତ ହୋଇଥାଉ ପଛକେ ନିଷ୍ପାଦନ, ପ୍ରଶାସନିକ, ନ୍ୟାୟିକ ବା ବୈଧାନିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା କୌଣସି ତଲ୍ଲାସ ଅଧିଯାଚନ, ବାଜ୍ୟାପ୍ତିକରଣ, ସ୍ୱତ୍ୱହରଣ ଓ କୌଣସି ଅନ୍ୟ ପ୍ରକାର ହସ୍ତକ୍ଷେପରୁ ଉନ୍ମୁକ୍ତ ରହିବ ।

ଧାରା 4. ଜାତିସଂଘର ଅଭିଲେଖାଗାର ଏବଂ ସାଧାରଣତଃ ତାହାର ବା ତାହାଙ୍କ ଦ୍ୱାରା ଧାରିତ ସମସ୍ତ ଦଲିଲ ତାହା ଯେଉଁ ସ୍ଥାନରେ ଥାଉପଛେ ଅନତିକ୍ରମ୍ୟ ହେବ ।

ଧାରା 5. କୌଣସି ପ୍ରକାରର ବିତ୍ତୀୟ ନିୟନ୍ତ୍ରଣ ବିନିୟମ ବା ଅଧିସ୍ଥଗନ ଦ୍ୱାର ନିର୍ବନ୍ଧିତ ନହୋଇ,

(କ) ଜାତିସଂଘ କୌଣସି ପ୍ରକାର ନିଧି, ସୁନା ବା ପ୍ରଚଳିତ ମୁଦ୍ରା ଧାରଣ କରିପାରେ ଏବଂ କୌଣସି ପ୍ରଚଳିତ ମୁଦ୍ରାରେ ହିସାବ ଚଳାଇପାରେ,

(ଖ) ଏକ ଦେଶରୁ ଅନ୍ୟ ଦେଶକୁ କିମ୍ବା କୌଣସି ଦେଶ ମଧ୍ୟରେ ନିଜର ନିଧି, ସୁନା ବା ପ୍ରଚଳିତ ମୁଦ୍ରାକୁ ଅନ୍ତରିତ କରିବାକୁ ଏବଂ ନିଜଦ୍ୱାରା ଧାରିତ କୌଣସି ପ୍ରଚଳିତ ମୁଦ୍ରାକୁ କୌଣସି ଅନ୍ୟ ପଚଳିତ ମୁଦ୍ରାରେ ଭଙ୍ଗାଇବାକୁ ଜାତିସଂଘର ସ୍ୱାଧୀନତା ରହିବ ।

ଧାରା 6. ଉପରୋକ୍ତ ଧାରା 5 ଅଧୀନରେ ନିଜର ଅଧିକାର ପ୍ରୟୋଗ କରିବା ସମୟରେ ଜାତିସଂଘ ଯେ କୌଣସି ସଦସ୍ୟ ରାଜ୍ୟର ସରକାର ଦ୍ୱାରା କରାଯାଇଥିବା ଅଭ୍ୟାବେଦନ ପ୍ରତି ସମୁଚିତ ଦୃଷ୍ଟିଦେବ ଯେବେକି ଏହା ବିଚାର ହୁଏ ଯେ ଜାତିସଂଘର ସ୍ୱାର୍ଥର କ୍ଷତି ବ୍ୟତିରେକେ ସେହି ଅଭ୍ୟାବେଦନକୁ ପ୍ରଭାବୀ କରାଯାଇପାରେ ।

ଧାରା 7. ଜାତିସଂଘ ତାହାର ଆସ୍ତି, ଆୟ ଓ ଅନ୍ୟ ସଂପତ୍ତି,

(କ) ସମସ୍ତ ପ୍ରତ୍ୟକ୍ଷ କରରୁ ଛାଡ଼ ପାଇବ । ପ୍ରକାଶ ଥାଉକି, ଯେଉଁସବୁଙ୍କର ବାସ୍ତବରେ ଲୋକ ଉପଯୋଗୀ ସେବା ନିମିତ୍ତ ପ୍ରଭାର ଭିନ୍ନ ଅଧିକ କିଛି ନୁହେଁ ଜାତିସଂଘ ସେହି କରରୁ ଛାଡ଼ ଦାବି କରିବ ନାହିଁ ।

(ଖ) ଜାତିସଂଘର ଅଫିସ ସଂବନ୍ଧୀ ବ୍ୟବହାର ନିମିତ୍ତ ତାହାଦ୍ୱାରା ଆମଦାନୀ କରାଯାଇଥିବା ବା ରପ୍ତାନୀ କରାଯାଇଥିବା ଜିନିଷ ସଂପର୍କରେ ଆମଦାନୀ ଓ ରପ୍ତାନୀ ଉପରେ ସୀମା ଶୁଳ୍କ ଓ ନିଷେଧ ଏବଂ ନିର୍ବନ୍ଧନରୁ ଛାଡ଼ ପାଇବ । ପ୍ରକାଶ ଥାଉକି, ସେପରି ଛାଡ଼ ଅଧୀନରେ ଆମଦାନୀ ହୋଇଥିବା ଜିନିଷକୁ, ଯେଉଁ ଦେଶ ମଧ୍ୟକୁ ତାହା ଆମଦାନୀ ହୋଇଥାଏ ସେହି ଦେଶର ସରକାରଙ୍କ ସହ କରାର ହୋଇଥିବା ସର୍ତ୍ତର ଅଧୀନରେ ନ ହୋଇ ଅନ୍ୟଥା ସେହି ଦେଶରେ ବିକ୍ରୟ କରାଯିବ ନାହିଁ ।

(ଗ) ତାହାର ପ୍ରକାଶନଗୁଡ଼ିକ ସଂପର୍କରେ ଆମଦାନୀ ଓ ରପ୍ତାନୀ ଉପରେ ସୀମା ଶୁଳ୍କରୁ ଓ ନିଷେଧ ଏବଂ ନିର୍ବନ୍ଧନରୁ ଛାଡ ପାଇବ ।

(ଘ) କୌଣସି ବାସଗୃହକୁ ଅଫିସ ବା ବାଣିଜ୍ୟିକ କାର୍ଯ୍ୟରେ ବ୍ୟବହାର କରାଯାଇଥିବା କାରଣରୁ କୌଣସି ଅପବ୍ୟବହାର ଖର୍ଚ୍ଚ ସଂପୃକ୍ତ ସଂପତ୍ତିର ପଟ୍ଟାର ପ୍ରଶାସନ ଦାୟିତ୍ୱରେ ଥିବା ଭୂମି ଓ ଉନ୍ନୟନ ଅଧିକାରୀ ବା ସେ ରୂପ ଅନ୍ୟ ଅଧିକାରୀ ଆରୋପଣ କରିଥିଲେ ସେହି ଅପବ୍ୟବହାର ଖର୍ଚ୍ଚା ଦେବାରୁ ଛାଡ଼ ପାଇବ । ଜାତିସଂଘ ସଂସ୍ଥାମାନ, ଜାତିସଂଘର ବିଶେଷଜ୍ଞୀୟ ଏଜେନ୍ସିମାନ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ଅନୁଷ୍ଠାନ ଯାହା ପ୍ରତି କି ଜାତିସଂଘ (ବିଶେଷାଧିକାର ଓ ଉନ୍ମୁକ୍ତି) ଅଧିନିୟମ, 1947 ର ଉପବନ୍ଧମାନ ପ୍ରସାରିତ ଅଟେ, ଭାରତରେ ଯେଉଁ ସମ୍ପତ୍ତି ଭଡ଼ା ସକ୍ତେ ନେବାକୁ ପ୍ରସ୍ତାବ କରିବେ ସେହି ସଂପତ୍ତି ବିଷୟରେ କୌଣସି ପଟ୍ଟା/ଭଡ଼ା କରାଇ କରିବା ବେଳେ ଯେତେଦୂର ସଂଭବପର ହୁଏ ଉକ୍ତ ଅପବ୍ୟବହାର ଖର୍ଚ୍ଚା ଦେବାକୁ ରାଜିହେବେ ନାହିଁ । ଯେଉଁ କ୍ଷେତ୍ରରେ ସେହି ଅଧିସୂଚନା ତାରିଖ ପୂର୍ବରୁ ଉପରୋକ୍ତ ଅନୁଷ୍ଠାନମାନଙ୍କ ଦ୍ୱାରା ସେହି ଅପବ୍ୟବହାର ଖର୍ଚ୍ଚ ପ୍ରଦାନ କରାଯାଇ ପାରିବ ସେଠାରେ ଉକ୍ତ ଅପବ୍ୟବହାର ଖର୍ଚ୍ଚା ଦେବାରୁ ଅବ୍ୟାହତି ଭୂତଲକ୍ଷୀ ଭାବରେ ଲଗୁ ହେବ ନାହିଁ ।

ଧାରା ୪. ଅସ୍ଥାବର ଓ ସ୍ଥାବର ସଂପତ୍ତିର ବିକ୍ରୟ ଉପରେ ଯେଉଁ ଉତ୍ପାଦ ଶୁଳ୍କ ଓ କରମାନ ଦେୟ ମୂଲ୍ୟର ଭଗ ବିଶେଷ ଅଟେ ସେଥିରୁ ଜାତିସଂଘ ସାଧାରଣତଃ ଛାଡ଼ ଦାବି କରିବ ନାହିଁ, ତଥାପି ଯେତେବେଳେ ଜାତିସଂଘ ଅଫିସ ସମ୍ବନ୍ଧୀ ବ୍ୟବହାର ନିମିତ୍ତ ବଡ଼ ଧରଣର ସଂପତ୍ତି ଖରିଦ କରୁଥାଏ ଯାହା ଉପରେ ସେହି ଶୁଳ୍କ ବା କର ପ୍ରଭାବିତ ହୋଇଥାଏ ବା ପ୍ରଭାର୍ଯ୍ୟ ହୋଇଥାଏ ସେତେବେଳେ ସଦସ୍ୟ ରାଜ୍ୟମାନେ ଶୁଳ୍କ ବା କର ପରିମାଣକୁ ଛାଡ଼ ଦେବା ବା ଫେରସ୍ତ କରିବା ନିମିତ୍ତ ସମୁଚିତ ପ୍ରଶାସନିକ ବ୍ୟବସ୍ଥା କରିବେ ।

## ଅନୁଚ୍ଛେଦ III

### ସଂସୂଚନା ସଂପର୍କରେ ସୁବିଧା

ଧାରା 9. ଜାତିସଂଘ ପ୍ରତ୍ୟେକ ସଦସ୍ୟଙ୍କ କ୍ଷେତ୍ରରେ ତାହାର ଅଫିସ ସମ୍ବନ୍ଧୀ ସଂସୂଚନା ନିମିତ୍ତ ସେହି ସଦସ୍ୟଙ୍କ ସରକାରଙ୍କ ଦ୍ୱାରା କୌଣସି ଅନ୍ୟ ସରକାରଙ୍କୁ ଓ ତାହାର କୂଟନୀତିକ ମିସନକୁ ଚିଠି, କ୍ୟାବଲ ଟେଲିଗ୍ରାମ, ରେଡ଼ିଓଗ୍ରାମ, ରେଲିଫଟୋ, ଟେଲିଫୋନ ଓ ଅନ୍ୟ ସଂସୂଚନା ଉପରେ ଅଗ୍ରାଧିକାର ରେଟ ଓ କର ସଂପର୍କରେ ଏବଂ ପ୍ରେସ ଓ ରେଡିଓକୁ ତଥ୍ୟ ଦେବା ନିମିତ୍ତ ପ୍ରେସ ରେଟ ସଂପର୍କରେ ଯେଉଁ ପ୍ରକାର ବ୍ୟବହାର କରାଯାଏ ତହିଁରୁ ଊଣା ଅନୁକୂଳ ହୋଇନଥିବା ବ୍ୟବହାର ଉପଭୋଗ କରିବ । ଜାତିସଂଘର ଅଫିସ ସଂମ୍ବନ୍ଧୀ ଚିଠିପତ୍ର ଓ ଅନ୍ୟ ଅଫିସ ସଂମ୍ବନ୍ଧୀ ସଂସୂଚନା ପ୍ରତି ଯାଞ୍ଚକରଣ ପ୍ରୟୋଗ କରାଯିବ ନାହିଁ ।

ଧାର 10. ସଙ୍କେତ ବ୍ୟବହାର କରିବାକୁ ଏବଂ ବାର୍ତ୍ତାବହଙ୍କ ଦ୍ୱାରା ବା ଥଳିରେ ତାହାର ଚିଠିପତ୍ର ପଠାଇବାକୁ ଓ ଗ୍ରହଣ କରିବାକୁ ଜାତିସଂଘର ଅଧିକାର ରହିବ ଏବଂ ସେହି ବାର୍ତ୍ତାବହର ଓ ଥଳିର କୂଟନୀତିକ ବାର୍ତ୍ତାବହ ଓ ଥଳିପରି ସମାନ ଉନ୍ମୁକ୍ତି ଓ ବିଶେଷାଧିକାର ରହିବ ।

## ଅନୁଚ୍ଛେଦ IV

### ସଦସ୍ୟମାନଙ୍କ ପ୍ରତିନିଧି

ଧାରା 11. ଜାତିସଂଘର ମୁଖ୍ୟ ଓ ସହାୟକ ସଂସ୍ଥାର ଏବଂ ଜାତିସଂଘ ଦ୍ୱାରା ଆହୂତ ସମ୍ମେଳନରେ ସଦସ୍ୟମାନଙ୍କର ପ୍ରତିନିଧିମାନେ ସେମାନଙ୍କର କୃତ୍ୟ ସମ୍ପାଦନ କରୁଥିବା ସମୟରେ ଏବଂ ସଭାସ୍ଥଳକୁ ଓ ସଭାସ୍ଥଳରୁ ଯାତ୍ରା କରୁଥିବା ସମୟରେ ନିମ୍ନଲିଖିତ ବିଶେଷାଧିକାର ଓ ଉନ୍ମୁକ୍ତି ଉପଭୋଗ କରିବେ —

(କ) ବ୍ୟକ୍ତିଗତ ଗିରଫ ବା ଅଟକରୁ ଏବଂ ସେମାନଙ୍କର ବ୍ୟକ୍ତିଗତ ପେଟରାର ଜବତରୁ ଉନ୍ମୁକ୍ତ ଏବଂ ପ୍ରତିନିଧି ରୂପେ ସେମାନଙ୍କ ଦ୍ୱାରା କୁହାଯାଇଥିବା ବା ଲେଖାଯାଇଥିବା ଓ କରାଯାଇଥିବା ସମସ୍ତ କାର୍ଯ୍ୟ ସମ୍ପର୍କରେ ପ୍ରତ୍ୟେକ ପ୍ରକାରର ବିଧିକ ପ୍ରକ୍ରିୟାରୁ ଉନ୍ମୁକ୍ତି ;

(ଖ) ସମସ୍ତ କାଗଜ ଓ ଦଲିଲ ନିମିତ୍ତ ଅନତିକ୍ରମ୍ୟତା ;

(ଗ) ସଙ୍କେତ ବ୍ୟବହାର କରିବାକୁ ଏବଂ ବାର୍ତ୍ତାବହ ଦ୍ୱାରା ବା ମୁଦା ଥଳିରେ କାଗଜ ବା ଚିଠିପତ୍ର ଗ୍ରହଣ କରିବାକୁ ଅଧିକାର;

(ଘ) ସେମାନଙ୍କର କୃତ୍ୟର ସଂପାଦନ ଲଗି ସେମାନେ ଯେଉଁ ରାଜ୍ୟ ପରିଦର୍ଶନ କରୁଥାନ୍ତି ବା ଯାହା ମଧ୍ୟରେ ଯାଉଥାନ୍ତି ସେହି ରାଜ୍ୟରେ ପ୍ରବାସ ନିର୍ବନ୍ଧନ, ବିଦେଶୀ ରେଜେଷ୍ଟ୍ରୀକରଣ ବା ଜାତୀୟ ସେବା ଦାୟିତ୍ୱରୁ ସେମାନଙ୍କର ପତ୍ନୀ ବା ପତିଙ୍କୁ ଛାଡ଼;

(ଙ) ଅସ୍ଥାୟୀ ସରକାରୀ ମିଶନରେ ଥିବା ବିଦେଶୀ ସରକାରଙ୍କ ପ୍ରତିନିଧିମାନଙ୍କୁ ପ୍ରଚଳିତ ମୁଦ୍ରା ବା ବିନିମୟ ନିର୍ବନ୍ଧନ ସମ୍ପର୍କରେ ଯେଉଁ ସୁବିଧା ଦିଆଯାଏ ସେହି ସମାନ ସୁବିଧା ;

(ଚ) କୂଟନୈତିକ ରାଷ୍ଟ୍ର ପ୍ରତିନିଧିମାନଙ୍କୁ ଦିଆଯାଇଥିବା ପରି ସେମାନଙ୍କର ବ୍ୟକ୍ତିଗତ ପେଟରା ସମ୍ପର୍କରେ ସମାନ ଉନ୍ମୁକ୍ତି ଓ ସୁବିଧା; ଏବଂ

(ଛ) କୂଟନୈତିକ ରାଷ୍ଟ୍ର ପ୍ରତିନିଧିମାନେ ଉପଭୋଗ କରୁଥିବା ପୂର୍ବୋକ୍ତ ସହ ଅସଙ୍ଗତ ହୋଇ ନ ଥିବା ଅନ୍ୟ ବିଶେଷାଧିକାର, ଉନ୍ମୁକ୍ତ ଓ ସୁବିଧାମାନ ଆମଦାନୀ କରାଯାଇଥିବା ମାଲ (ସେମାନଙ୍କ ବ୍ୟକ୍ତିଗତ ପେଟରାର ଏକ ଭାଗ ହୋଇଥିବା ଭିନ୍ନ) ଉପରେ ସୀମାଶୁଳ୍କରୁ କିମ୍ବା ଉତ୍ପାଦ ଶୁଳ୍କ ବା ବିକ୍ରୟ କରରୁ ଛାଡ଼ ଦାବି କରିବାକୁ ସେମାନଙ୍କର ଅଧିକାର ରହିବ ନାହିଁ ।

ଧାରା 12. ଜାତିସଂଘର ମୁଖ୍ୟ ଓ ସହାୟକ ସଂସ୍ଥାରେ ଏବଂ ଜାତିସଂଘ ଦ୍ୱାରା ଆହୂତ ସମ୍ମେଳନରେ ସଦସ୍ୟମାନଙ୍କର ପ୍ରତିନିଧିମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ନିର୍ବହନରେ ସଂପୂର୍ଣ୍ଣ ବାକ୍‌ସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନତା ଦେବା ନିମିତ୍ତ ସେମାନଙ୍କର କର୍ତ୍ତବ୍ୟର ନିର୍ବହନରେ ସେମାନଙ୍କ ଦ୍ୱାରା କୁହାଯାଇଥିବା ବା ଲେଖାଯାଇଥିବା ଏବଂ କରାଯାଇଥିବା ସମସ୍ତ କାର୍ଯ୍ୟ ସଂପର୍କରେ ବିଧିକ ପ୍ରକ୍ରିୟାରୁ ଉନ୍ମୁକ୍ତି ସଂପୃକ୍ତ ବ୍ୟକ୍ତିମାନେ ସଦସ୍ୟମାନଙ୍କର ପ୍ରତିନିଧି ହୋଇ ଆଉ ନ ଥିବା ସତ୍ତ୍ୱେ ଲାଗୁରହିବ ।

ଧାରା 13. ଯେଉଁଠାରେ କୌଣସି ପ୍ରକାର କରର ଆପତନ ନିବାସ ଉପରେ ନିର୍ଭର କରେ ସେଠାରେ ଯେଉଁ କାଳାବଧିରେ ଜାତିସଂଘର ମୁଖ୍ୟ ଓ ସହାୟକ ସଂସ୍ଥାରେ ଓ ଜାତିସଂଘ ଦ୍ୱାରା ଆହୂତ ସମ୍ମେଳନରେ ସଦସ୍ୟମାନଙ୍କର ପ୍ରତିନିଧିମାନେ କୌଣସି ରାଜ୍ୟରେ ସେମାନଙ୍କର କର୍ତ୍ତବ୍ୟର ନିର୍ବହନ ନିମିତ୍ତ ଉପସ୍ଥିତ ଥାଆନ୍ତି ସେହି କାଳାବଧିଟି ନିବାସ କାଳାବଧି ବୋଲି ବିବେଚିତ ହେବ ନାହିଁ ।

ଧାରା 14. ବିଶେଷାଧିକାର ଓ ଉନ୍ମୁକ୍ତି ସଦସ୍ୟମାନଙ୍କର ପ୍ରତିନିଧିମାନଙ୍କୁ ସେମାନଙ୍କର ନିଜର ବ୍ୟକ୍ତିଗତ ଫାଇଦା ନିମିତ୍ତ ଦିଆଯାଏ ନାହିଁ ମାତ୍ର ଜାତିସଂଘ ସହ ସଂପୃକ୍ତ ବିଷୟରେ ସେମାନଙ୍କର କୃତ୍ୟର ସ୍ୱାଧୀନ ପ୍ରୟୋଗ ସୁରକ୍ଷିତ କରିବାକୁ ଦିଆଯାଇଛି । ପରିଣାମତଃ ଯେଉଁ କ୍ଷେତ୍ରରେ ସଦସ୍ୟଙ୍କର ମତରେ ଉନ୍ମୁକ୍ତି ନ୍ୟାୟର ପଥରେ ବାଧା ଦେବ ଏବଂ ଯେଉଁ ଉଦ୍ଦେଶ୍ୟରେ ଉନ୍ମୁକ୍ତି ଦିଆଯାଇଛି ସେହି ପ୍ରୟୋଜନ ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ତାହା ଛାଡ଼ କରାଯାଇପାରେ ସେହି କ୍ଷେତ୍ରରେ ତାହାର ପ୍ରତିନିଧିଙ୍କର ଉନ୍ମୁକ୍ତି ଛାଡ଼ କରିବାକୁ ସଦସ୍ୟଙ୍କର କେବଳ ଅଧିକାର ନୁହେଁ, ଦାୟିତ୍ୱ ମଧ୍ୟ ରହିଛି ।

ଧାରା 15. ଧାରା 11, 12 ଓ 13 ର ଉପବନ୍ଧଗୁଡ଼ିକ ପ୍ରତିନିଧି ଏବଂ ସେ ଯେଉଁ ରାଜ୍ୟର ଜଣେ ନାଗରିକ ତାହାର ବା ସେ ଯେଉଁ ରାଜ୍ୟର ପ୍ରତିନିଧି ଅଟନ୍ତି ବା ଥିଲେ ସେହି ରାଜ୍ୟର ପ୍ରାଧିକାରୀଙ୍କ ମଧ୍ୟରେ ଲାଗୁ ହେବ ନାହିଁ ।

ଧାରା 16. ଏହି ଅନୁଚ୍ଛେଦରେ "ପ୍ରତିନିଧି" ପଦ ସମସ୍ତ ଡ଼େଲିଗେଟ, ଡ଼େପୁଟି ଡ଼େଲିଗେଟ, ଉପଦେଷ୍ଟା, ପ୍ରାବିଧିକ ବା ବିଶେଷଜ୍ଞ ଓ ଡ଼େଲିଗେସନର ସଚିବମାନଙ୍କୁ ଅନ୍ତର୍ଗତ କରେ ବୋଲି ବିବେଚିତ ହେବ ।

## ଅନୁଚ୍ଛେଦ V

### କର୍ମଚାରୀ ବର୍ଗ

ଧାରା 17. ଏହି ଅନୁଚ୍ଛେଦ ଓ ଅନୁଚ୍ଛେଦ 7 ର ଉପବନ୍ଧଗୁଡ଼ିକ କେଉଁ କେଉଁ ବର୍ଗର କର୍ମଚାରୀଙ୍କ ପ୍ରତି ଲାଗୁହେବ ତାହା ସେକ୍ରେଟାରୀ ଜେନେରାଲ ବିନିର୍ଦ୍ଦିଷ୍ଟ କରିବେ । ସେ ଏହି ବର୍ଗଗୁଡ଼ିକୁ ସାଧାରଣ ପରିଷଦରେ ଉପସ୍ଥାପିତ କରିବେ । ତା'ପରେ ସେହି ବର୍ଗଗୁଡ଼ିକ ସମସ୍ତ ସଦସ୍ୟଙ୍କର ସରକାରମାନଙ୍କୁ ସଂସୂଚିତ ହେବ । ଏହି ବର୍ଗରେ ଅନ୍ତର୍ଗତ କର୍ମଚାରୀ ମାନଙ୍କର ନାମ ଥରକୁଥର ସଦସ୍ୟମାନଙ୍କର ସରକାରମାନଙ୍କୁ ଜଣାଇ ଦିଆଯିବ

ଧାରା 18. ଜାତିସଂଘର କର୍ମଚାରୀମାନେ–

(କ) ସେମାନଙ୍କର ପଦୀୟ ସାମର୍ଥ୍ୟରେ ସେମାନଙ୍କଦ୍ୱାରା କୁହାଯାଇଥିବା ବା ଲେଖାଯାଇଥିବା କଥା ଏବଂ କରାଯାଉଥିବା ସମସ୍ତ କାର୍ଯ୍ୟ ସମ୍ପର୍କରେ ବିଧି ପ୍ରକ୍ରିୟାରୁ ଉନ୍ମୁକ୍ତ ରହିବେ ;

(ଖ) ଜାତିସଂଘ ଦ୍ୱାରା ସେମାନଙ୍କୁ ଦିଆଯାଇଥିବା ବେତନ ଓ ପାରିଶ୍ରମିକ ଉପରେ କରରୁ ଛାଡ଼ ପାଇବେ;

(ଗ) ଜାତୀୟ ସେବା ଦାୟିତ୍ୱରୁ ଉନ୍ମୁକ୍ତ ରହିବେ;

(ଘ) ସେମାନଙ୍କର ପତ୍ନୀ ବା ପତି ଓ ସେମାନଙ୍କ ଉପରେ ନିର୍ଭରଶୀଳ ସମ୍ପର୍କୀୟମାନଙ୍କ ସହ ପ୍ରବାସ ନିର୍ବନ୍ଧନ ଓ ବିଦେଶୀ ରେଜେଷ୍ଟ୍ରୀକରଣରୁ ଉନ୍ମୁକ୍ତ ରହିବେ;

(ଙ) ବିନିମୟ ସୁବିଧା ସମ୍ପର୍କରେ ସମ୍ପୃକ୍ତ ସରକାରଙ୍କର କୂଟନେତିକ ମିଶନ ଅନ୍ତର୍ଗତ ତୁଳନୀୟ ପାହ୍ୟାର କର୍ମଚାରୀମାନଙ୍କୁ ଦିଆଯାଉଥିବାମତେ ସମାନ ବିଶେଷାଧିକାର ପାଇବେ;

(ଚ) ଆନ୍ତର୍ଜାତିକ ସଙ୍କଟ ସମୟରେ କୂଟନୈତିକ ରାଷ୍ଟ୍ରପ୍ରତିନିଧିମାନଙ୍କୁ ଯେଉଁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ସୁବିଧା ଦିଆଯାଏ, ସେମାନଙ୍କର ପତ୍ନୀ ବା ପତି ଓ ସେମାନଙ୍କ ଉପରେ ନିର୍ଭରଶୀଳ ସମ୍ପର୍କୀୟମାନଙ୍କ ସମେତ ସେହି ସମାନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ସୁବିଧା ପାଇବେ;

(ଛ) ସମ୍ପୃକ୍ତ ଦେଶରେ ପ୍ରଥମେ ସେମାନଙ୍କର ପଦ ଗ୍ରହଣ କରିବା ସମୟରେ ଶୁଳ୍କ ନ ଦେଇ ସେମାନଙ୍କର ଆସବାବ ଓ ଜିନିଷପତ୍ର ଆମଦାନୀ କରିବା ଅଧିକାର ପାଇବେ ।

ଧାର 19. ଧାରା 18 ରେ ବିନିର୍ଦ୍ଦିଷ୍ଟ ଉନ୍ମୁକ୍ତି ଓ ବିଶେଷାଧିକାର ବାହାରେ ଅଧିକନ୍ତୁ ସେକ୍ରେଟାରୀ ଜେନେରାଲ ଓ ସମସ୍ତ ଆସିଷ୍ଟାଣ୍ଟ ସେକ୍ରେଟାରୀ ଜେନେରାଲ୍ଙ୍କ ସେମାନଙ୍କ ନିଜ ସଂପର୍କରେ, ସେମାନଙ୍କର ପତ୍ନୀ ବା ପତି, ନାବାଳକ ପିଲାଙ୍କ ସଂପର୍କରେ ଆନ୍ତର୍ଜାତିକ ବିଧି ଅନୁଯାୟୀ କୂଟନୈତିକ ରାଷ୍ଟ୍ରପ୍ରତିନିଧିମାନଙ୍କୁ ଦିଆଯାଉଥିବା ବିଶେଷାଧିକାର ଓ ଉନ୍ମୁକ୍ତି, ଛାଡ଼ ଓ ସୁବିଧା ପାଇବେ ।

ଧାରା 20. ବିଶେଷାଧିକାର ଓ ଉନ୍ମୁକ୍ତି ଜାତିସଂଘର ସ୍ୱାର୍ଥଲାଗି କର୍ମଚାରୀମାନଙ୍କୁ ଦିଆଯାଏ ଏବଂ ସେମାନଙ୍କର ବ୍ୟକ୍ତିଗତ ଫାଇଦାଲାଗି ଦିଆଯାଏ ନାହିଁ । ଯେଉଁ କ୍ଷେତ୍ରରେ ସେକ୍ରେଟାରୀ ଜେନେରାଲ ମନେକରନ୍ତି ଯେ ଉନ୍ମୁକ୍ତି ନ୍ୟାୟର ଗତିପଥରେ ବାଧା ଦେବ ଏବଂ ଜାତିସଂଘର ସ୍ୱାର୍ଥପ୍ରତି ପ୍ରତିକୂଳ ପ୍ରଭବ ନ ପକାଇ ତାହାକୁ ଅଧିତ୍ୟାଗ କରଯାଇପାରେ ସେଠାରେ କୌଣସି କର୍ମଚାରୀ ଉନ୍ମୁକ୍ତ ଅଧିତ୍ୟାଗ କରିବାକୁ ସେକ୍ରେଟାରୀ ଜେନେରାଲଙ୍କର ଅଧିକାର ଓ କର୍ତ୍ତବ୍ୟ ରହିବ । ସେକ୍ରେଟାରୀ ଜେନେରାଲଙ୍କ କ୍ଷେତ୍ରରେ ଉନ୍ମୁକ୍ତି ଅଧିତ୍ୟାଗ କରିବାକୁ ନିରାପତ୍ତା ପରିଷଦର ଅଧିକାର ରହିବ ।

ଧାରା 21. ଜାତିସଂଘ ନ୍ୟାୟର ଉଚିତ ପ୍ରଶାସନକୁ ସୁଗମ କରିବାକୁ, ପୋଲିସ ବିନିୟମଗୁଡ଼ିକର ପାଳନକୁ ସୁନିଶ୍ଚିତ କରିବାକୁ ଏବଂ ଏହି ଅନୁଚ୍ଛେଦରେ ବର୍ଣ୍ଣିତ ବିଶେଷାଧିକାର ଉନ୍ମୁକ୍ତି ଓ ସୁବିଧା ସମ୍ପର୍କରେ କୌଣସି ଅପପ୍ରୟୋଗ ଘଟଣା ଏଡ଼ିବାକୁ ସଦସ୍ୟମାନଙ୍କର ସମୁଚିତ ପ୍ରାଧିକାରୀ ସହ ସର୍ବଦା ସହଯୋଗ କରିବ ।

## ଅନୁଚ୍ଛେଦ VI

### ଜାତିସଂଘ ନିମିତ୍ତ ମିଶନଗୁଡ଼ିକରେ ବିଶେଷଜ୍ଞ

ଧାରା 22. (ଅନୁଚ୍ଛେଦ V ପରିସର ଅନ୍ତଗତ ପଦଧାରୀବର୍ଗଙ୍କ ଭିନ୍ନ) ଜାତିସଂଘ ଲାଗି ମିଶନରେ ଥିବା ବିଶେଷଜ୍ଞମାନଙ୍କୁ ସେମାନଙ୍କର ମିଶନସହ ସମ୍ପର୍କିତ ଯାତ୍ରାରେ ଅତିବାହିତ ସମୟ ସମେତ ସେମାନଙ୍କର ମିଶନ କାଳାବଧିରେ ସେମାନଙ୍କର କୃତ୍ୟର ସ୍ୱାଧୀନ ପ୍ରୟୋଗ ନିମିତ୍ତ ଆବଶ୍ୟକ ହେଉଥିବା ବିଶେଷାଧିକାର ଓ ଉନ୍ମୁକ୍ତି ଦିଆଯିବ । ବିଶେଷତଃ ସେମାନଙ୍କୁ—

(କ) ବ୍ୟକ୍ତିଗତ ଗିରଫ ବା ଅଟକରୁ ଏବଂ ସେମାନଙ୍କ ବ୍ୟକ୍ତିଗତ ପେଟରା ଜବତରୁ ଉନ୍ମୁକ୍ତି ଦିଆଯିବ ;

(ଖ) ମିଶନ କାର୍ଯ୍ୟରେ ସେମାନଙ୍କ ଦ୍ୱାରା କୁହାଯାଇଥିବା ବା ଲେଖାଯାଇଥିବା ଏବଂ ସେମାନଙ୍କର ଦ୍ୱାରା କରାଯାଇଥିବା କାର୍ଯ୍ୟ ସମ୍ପର୍କରେ ପ୍ରତ୍ୟେକ ପ୍ରକାର ବିଧିକ ପ୍ରକ୍ରିୟାରୁ ଉନ୍ମୁକ୍ତି ଦିଆଯିବ । ବିଧିକ ପ୍ରକ୍ରିୟାରୁ ଏହି ଉନ୍ମୁକ୍ତି ସମ୍ପୃକ୍ତ ବ୍ୟକ୍ତିମାନେ ଜାତିସଂଘର ମିଶନରେ ଆଉ ନିୟୋଜିତ ନ ଥିବା ସତ୍ତ୍ୱେ ଦିଆଯିବା ଚାଲୁ ରହିବ;

(ଗ) ସମସ୍ତ କାଗଜ ବା ଦଲିଲ ଲାଗି ଅନତିକ୍ରମତା ଦିଆଯିବ;

(ଘ) ଜାତିସଂଘ ସହ ସେମାନଙ୍କର ସଂସୂଚନା ପ୍ରୟୋଜନରେ ସଙ୍କେତ ବ୍ୟବହାର କରିବାକୁ ଏବଂ ବାର୍ତ୍ତାବହ ଦ୍ୱାରା ବା ମୁଦା ଥଳିରେ କାଗଜ ବା ପତ୍ରାଳାପ ଗହଣ କରିବାକୁ ଅଧିକାର ଦିଆଯିବ;

(ଙ) ବିଦେଶୀ ସରକାରଙ୍କ ପ୍ରତିନିଧିମାନଙ୍କୁ ଅସ୍ଥାୟୀ ସରକାରୀ ମିଶନରେ ପଚଳିତ ମୁଦ୍ରା ବା ବିନିମୟ ନିର୍ବନ୍ଧନ ସମ୍ପର୍କରେ ଯେଉଁ ସୁବିଧା ଦିଆଯାଏ ସେହି ସବିଧା ଦିଆଯିବ;

(ଚ) କୂଟନୈତିକ ରାଷ୍ଟ୍ରପ୍ରତିନିଧିମାନଙ୍କୁ ଦିଆଯାଉଥିବା ପରି ସେମାନଙ୍କ ବ୍ୟକ୍ତିଗତ ପେଟେରା ସମ୍ପର୍କରେ ସମାନ ଉନ୍ମୁକ୍ତି ଓ ସୁବିଧା ଦିଆଯିବ ।

ଧାରା 23. ବିଶେଷାଧିକାର ଓ ଉନ୍ମୁକ୍ତି ଜାତିସଂଘର ସ୍ୱାର୍ଥଲାଗି ବିଶେଷଜ୍ଞମାନଙ୍କୁ ଦିଆଯାଏ ଏବଂ ସେମାନଙ୍କର ବ୍ୟକ୍ତିଗତ ଫାଇଦା ଲାଗି ଦିଆଯାଏ ନାହିଁ । ଯେଉଁ କ୍ଷେତ୍ରରେ ସେକ୍ରେଟାରୀ ଜେନେରାଲ ମନେକରନ୍ତି ଯେ ଉନ୍ମୁକ୍ତି ନ୍ୟାୟର ଗତିପଥରେ ବାଧାଦେବ ଏବଂ ଜାତିସଂଘର ସ୍ୱାର୍ଥ ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ତାହାକୁ ଅଧିତ୍ୟାଗ କରାଯାଇପାରେ ସେଠାରେ କୌଣସି ବିଶେଷଜ୍ଞଙ୍କ ଉନ୍ମୁକ୍ତି ଅଧିତ୍ୟାଗ କରିବାକୁ ସେକ୍ରେଟାରୀ ଜେନେରାଲଙ୍କ ଅଧିକାର ଓ କର୍ତ୍ତବ୍ୟ ରହିବ ।

## ଅନୁଚ୍ଛେଦ VII

### ଜାତିସଂଘ ଅବାଧଗମନ ପତ୍ର

ଧାରା 24. ଜାତିସଂଘ ତାହାର କର୍ମଚାରୀମାନଙ୍କୁ ଜାତିସଂଘ ଅବାଧଗମନ ପତ୍ର ଦେଇପାରିବ । ଏହି ଅବାଧଗମନ ପତ୍ର ଧାରା 25 ର ଉପବନ୍ଧଗୁଡ଼ିକୁ ବିଚାର କରି ସଦସ୍ୟମାନଙ୍କ ପ୍ରାଧିକାରୀମାନଙ୍କ ଦ୍ୱାରା ବୈଧ ଗସ୍ତ ଦସ୍ତାବିଜ ରୂପେ ମାନ୍ୟତା ପ୍ରାପ୍ତ ଓ ଗୃହୀତ ହେବ ।

ଧାରା 25. ଜାତିସଂଘ ଅବାଧଗମନ ପତ୍ରଧାରୀମାନଙ୍କଠାରୁ (ଆବଶ୍ୟକ ସ୍ଥଳେ) ପ୍ରବେଶ ପତ୍ର ନିମିତ୍ତ ଦରଖାସ୍ତ ସହ ସେମାନେ ଜାତିସଂଘର କାର୍ଯ୍ୟଲାଗି ଯାତ୍ରା କରୁଛନ୍ତି ବୋଲି ଏକ ପ୍ରମାଣପତ୍ର ଥିଲେ ସେହି ଦରଖାସ୍ତକୁ ଯଥା ସଂଭବ କ୍ଷିପ୍ରତା ସହକାରେ ବିଚାର କରାଯିବ । ଅଧିକନ୍ତୁ ସେହି ବ୍ୟକ୍ତିମାନଙ୍କୁ କ୍ଷିପ୍ରଭାବେ ଗସ୍ତ କରିବା ଲାଗି ସୁବିଧା ଦିଆଯିବ ।

ଧାରା 26. ଧାରା 25 ରେ ଯେଉଁ ସୁବିଧା ବିନିର୍ଦ୍ଦିଷ୍ଟ କରାଯାଇଛି ସେହି ସମାନ ସୁବିଧା ବିଶେଷଜ୍ଞ ଓ ଅନ୍ୟ ବ୍ୟକ୍ତିମାନଙ୍କୁ ଦିଆଯିବ ଯେଉଁମାନଙ୍କର କି ଜାତିସଂଘ ଅବାଧଗମନ ପତ୍ର ନ ଥିଲେ ମଧ୍ୟ ସେମାନେ ଜାତିସଂଘର କାର୍ଯ୍ୟରେ ଗସ୍ତ କରୁଛନ୍ତି ବୋଲି ଏକ ପ୍ରମାଣପତ୍ର ଥାଏ ।

ଧାରା 27. ଜାତିସଂଘର କାର୍ଯ୍ୟରେ ଜାତିସଂଘର ଅବାଧଗମନ ପତ୍ର ବଳରେ ଗସ୍ତ କରୁଥିବା ସେକ୍ରେଟାରୀ ଜେନେରାଲ, ଆସିଷ୍ଟାଣ୍ଟ ସେକ୍ରେଟାରୀ ଜେନେରାଲ ଓ ଡାଇରେକଟରମାନେ କୂଟନୈତିକ ଗସ୍ତ ପ୍ରତିନିଧିମାନଙ୍କୁ ଦିଆଯାଉଥିବା ପରି ସମାନ ସୁବିଧା ପାଇବେ ।

ଧାରା 28. ଏହି ଅନୁଚ୍ଛେଦର ଉପବନ୍ଧଗୁଡ଼ିକ ବିଶିଷ୍ଟ ଏଜେନ୍ସଗୁଡ଼ିକର ତୁଳନୀୟ ପଦଧାରୀମାନଙ୍କ ପ୍ରତି ଲାଗୁ ହୋଇପାରେ ଯଦି ସନନ୍ଦର ଅନୁଚ୍ଛେଦ 63 ଅଧୀନରେ ପ୍ରଣୀତ ସଂପର୍କ ନିମିତ୍ତ କରାର ସେପରି ଉପବନ୍ଧିତ କରୁଥାଏ ।

## ଅନୁଚ୍ଛେଦ VIII

ଧାରା 29. ଜାତିସଂଘ ନିମ୍ନଲିଖିତ ବିବାଦର ନିଷ୍ପତ୍ତିର ସମୁଚିତ ପଦ୍ଧତି ଲାଗି ଉପବନ୍ଧମାନ କରିବ:—

(କ) ସଂବିଦାରୁ ଉଦ୍‌ଭୂତ ହୋଇଥିବା ବିବାଦ ବା ଜାତିସଂଘ ଏକ ପକ୍ଷ ଥିବା ପ୍ରାଇଭେଟ ବିଧି ପ୍ରକୃତିର ଅନ୍ୟାନ୍ୟ ବିବାଦ ।

(ଖ) ଜାତିସଂଘର ଯେଉଁ କର୍ମଚାରୀ ତାଙ୍କର ପଦର ସ୍ଥିତି ଦୃଷ୍ଟିରୁ ଉନ୍ମୁକ୍ତି ଉପଭୋଗ କରୁଥାନ୍ତି, ଯଦି ଉନ୍ମୁକ୍ତି ସେକ୍ରେଟାରୀ ଜେନେରାଲଙ୍କ ଦ୍ୱାରା ଅଧିତ୍ୟାଗ କରାଯାଇ ନ ଥାଏ ତେବେ ସେହି କର୍ମଚାରୀ ସଂପୃକ୍ତ ଥିବା ବିବାଦ ।

ଧାରା 30. ଏହି ଚୁକ୍ତିର ବ୍ୟାଖ୍ୟା ବା ପ୍ରୟୋଗରୁ ଉଦ୍‌ଭୂତ ସମସ୍ତ ମତଭେଦ ଅନ୍ୟ କୌଣସି ନିଷ୍ପତ୍ତିର ଅନ୍ୟ ପଦ୍ଧତି ଗ୍ରହଣ କରିବାକୁ ପକ୍ଷମାନେ ରାଜି ନ ହେଲେ ଆନ୍ତର୍ଜାତିକ ନ୍ୟାୟାଳୟଙ୍କୁ ନିର୍ଦ୍ଦେଶିତ ହେବ । ଯଦି ଏକ ପକ୍ଷରେ ଜାତିସଂଘ ଏବଂ ଅନ୍ୟ ପକ୍ଷରେ ସଦସ୍ୟଙ୍କ ମଧ୍ୟରେ ମତଭେଦ ହୁଏ ତାହାହେଲେ ସନନ୍ଦର ଅନୁଚ୍ଛେଦ 96 ଏବଂ ନ୍ୟାୟାଳୟର ସଂବିଧିର ଅନୁଚ୍ଛେଦ 65 ଅନୁଯାୟୀ ଅନ୍ତର୍ବଳିତ କୌଣସି ବିଧିକ ପ୍ରଶ୍ନ ଉପରେ ଏକ ପରାମର୍ଶମୂଳକ ମତ ନିମିତ୍ତ ଅନୁରୋଧ କରାଯିବ । ନ୍ୟାୟାଳୟ ଦ୍ୱାରା ଦିଆଯିବା ମତ ନିଷପତ୍ତିମୂଳକ ବୋଲି ପକ୍ଷମାନଙ୍କ ଦ୍ୱାରା ଗ୍ରହଣ କରାଯିବ ।